## ମହାବୀର ମନ୍ଦିର ପ୍ରତିଷ୍ଠା ଉତ୍ସବ

ପଦ୍ମପୁର, (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିରସ ପଞ୍ଚାୟତର ବୋହୂପୋଖରୀଠାରେ ମହାବୀର ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ୧୦୮ କଳସ ଶୋଭାଯାତ୍ରା କରାଯାଇଥିଲା। ବାଲିମେଦ ପଞ୍ଚାୟତର ଅର୍ପଡ଼ିପୁର ଘାଟରୁ ୧୦୮ ଘଟୋତ୍ତଳନ କରାଯାଇ ଶୋଭାଯାତ୍ରାରେ ମହାବୀର ମନ୍ଦିର ନିକଟକୁ ଯାଇଥିଲେ। ସେଠାରେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମବାସୀ ସୁଦର୍ଶନ ନାୟକ, ଦାମୋଦର ନାୟକ, ଅଜୟ ବହେରା, ଦୟାନିଧି ରାଉତ, ସୁକାନ୍ତ ବେହେରା, କାଶିନାଥ ବେହେରା, ସୁନୀଲ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଘଟଣା, ଫେରାର ଯୁବକ ଗିରଫ

**ଭଣ୍ଡାରିପୋଖରୀ, ୧୬।୫ (ସ୍ୱ.ପ୍ର.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ରାଜେନ୍ଦ୍ରପୁର ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ଫେରାର ଥିବା ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୋଟସିରା ଗ୍ରାମର ସନ୍ତୋଷ ଜେନା। ପ୍ରକାଶ ଯେ, ଗତ ୮ ତାରିଖରେ ନାବାଳିକା ଜଣକ ଶୌଚ ହେବା ପାଇଁ ବାହାରକୁ ଯାଇଥିବା ବେଳେ ସନ୍ତୋଷ ତାଙ୍କୁ ଟେକି ନେଇଥିଲେ। ମୁହଁରେ କପଡ଼ା ବାନ୍ଧି ନାବାଳିକାଙ୍କୁ ସେ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରିବା ସହ ଫେରାର ସନ୍ତୋଷଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ସୋମବାର ବିଳମ୍ବିତ ରାତିରେ ପୋଲିସ ତାଙ୍କୁ ଘରୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି।

### ସ୍ତ୍ରୀଙ୍କୁ ପନିକିରେ ହାଣି ସ୍ୱାମୀ ଗିରଫ

**ଆନନ୍ଦପୁର, ୧୬।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ଖଡ଼ିପାଳ ଗ୍ରାମରେ ସ୍ତ୍ରୀଙ୍କୁ ପନିକିରେ ହାଣିବା ଅଭିଯୋଗରେ ସ୍ୱାମୀ କ୍ଷୀରୋଦ ନାଏକଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। କ୍ଷୀରୋଦଙ୍କ ଘର ଘସିପୁରା ଥାନା ଅଧୀନ ଗୋହିରା ଗ୍ରାମରେ। ସୂଚନା ଅନୁଯାୟୀ, ସେ ଘରଜ୍ୱାଇଁ ଭାବେ ଖଡ଼ିପାଳ ଗ୍ରାମରେ ରହିଆସୁଥିଲେ। ସେ ପ୍ରାୟ ସମୟରେ ଶ୍ୱଶୁରଘର ଲୋକ ଓ ସ୍ତ୍ରୀ ଲକ୍ଷ୍ମୀଙ୍କ ସହ କଳିଝଗଡ଼ା କରୁଥିଲେ। ରବିବାର ବିଳମ୍ବିତ ରାତିରେ ଖଡ଼ିପାଳ ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଚାଲିଥିବା ସମୟରେ ତାଙ୍କର କେତେଜଣ ଲୋକଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଲୋକେ ତାଗିଦା କରିବାରୁ ସେ ଘରକୁ ପଳାଇ ଆସିଥିଲେ। ଘରେ ପହଞ୍ଚି ସ୍ତ୍ରୀ ଲକ୍ଷ୍ମୀଙ୍କ ସହ ପାଟିତୁଣ୍ଡ କରିବା ସହ ଏକ ପନିକିରେ ତାଙ୍କ ବେକକୁ ହାଣି ଫେରାର ହୋଇଯାଇଥିଲେ। ପରିବାର ଲୋକେ ଲକ୍ଷ୍ମୀଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଆନନ୍ଦପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଅଭିଯୋଗ ପରେ ଆନନ୍ଦପୁର ଥାନାରେ ଏକ ମାମଲା (ନଂ.୯୮/୨୩) ରୁଜୁ ହୋଇଛି।

### ୨୦ରେ ବାଥୁଡ଼ି ସାଂସ୍କୃତିକ ସମାଜର ରାଜ୍ୟସ୍ତରୀୟ ସମାବେଶ

**ଉଦଳା, ୧୬।୫(ଡି.ଏନ.ଏ.):** ଉଦଳା ବ୍ଲକ ଅଧୀନ ପାଟପୁରଠାରେ ଆସନ୍ତା ୨୦ ଏବଂ ୨୧ ତାରିଖରେ ବାଥୁଡ଼ି ସାଂସ୍କୃତିକ ସମାଜର ରାଜ୍ୟସ୍ତରୀୟ ସମ୍ମିଳନୀ ନିମନ୍ତେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। କପ୍ତିପଦା ଉପଖଣ୍ଡ ବାଥୁଡ଼ି ସାଂସ୍କୃତିକ ସମାଜର ସଭାପତି ଦିବାକର ପଡ଼ିଆଲଙ୍କ ସୂଚନା ଅନୁସାରେ ଏହି ସମାବେଶରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଜିଲା ଏବଂ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ୧୦ ହଜାରରୁ ଊର୍ଦ୍ଧ୍ୱ ବାଥୁଡ଼ି ସମାଜର ପ୍ରତିନିଧି ଯୋଗଦାନ କରିବେ। ବିଶେଷକରି ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ବାଥୁଡ଼ି ସମାଜର ଇଷ୍ଟ ଦେବ ବଡାମ ମନ୍ଦିରର ପୁନରୁଦ୍ଧାର, ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ଉପରେ ନିଷ୍ପତ୍ତି ଗ୍ରହଣ ସହିତ ଜାତିର ଭାଷା, ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ପାଇଁ ଏହି ସମାବେଶର ମୂଳଲକ୍ଷ୍ୟ ବୋଲି ସଭାପତି ପଡ଼ିଆଲ କହିଛନ୍ତି। ଏହି ଦୁଇ ଦିନିଆ ସମାବେଶକୁ ସଫଳ କରିବା ନିମନ୍ତେ ସମାଜର ବହୁ ବରିଷ୍ଠ ସଦସ୍ୟ ଯୋଗ ଦେବେ। ସେଥିନିମନ୍ତେ ସମସ୍ତ ସଦସ୍ୟମାନେ ଗ୍ରାମ ଗ୍ରାମ ବୁଲି ବୈଠକ କରି ସମସ୍ତଙ୍କୁ ସୂଚନା ପ୍ରଦାନ କରୁଛନ୍ତି।

### 'ପର୍ଯ୍ୟଟନର ବିକାଶ ପାଇଁ ଉଦ୍ୟମ ଉତ୍ସାହଜନକ ନୁହେଁ'

**ଭୋଗରାଇ, ୧୬।୫ (ଡି. ଏନ. ଏ.)-** ବାଲେଶ୍ୱର ଜିଲାରେ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ବିଶାଳ ଭିତ୍ତିଭୂମି ରହିଛି। ଭୋଗରାଇର ମା' ବାସୁଳୀ ପୀଠ ଓ ଶଙ୍ଖାରିରେ ପ୍ରଖ୍ୟାତ ଐତିହାସିକ ତଥା ପଦ୍ମ ବିଭୂଷଣ ସମ୍ମାନିତ ବିଶ୍ୱ ଦରବାରରେ ପୂଜିତ ସାହିତ୍ୟିକ ମନ୍ମଥ-ମନୋଜ ଦାସଙ୍କ ଐତିହ୍ୟ ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ କାର୍ଯ୍ୟ ଉତ୍ସାହଜନକ ନୁହେଁ ବୋଲି ବିଶିଷ୍ଟ ଅତିଥିମାନେ ଭୋଗରାଇ ମା' ବାସୁଳୀଙ୍କ ବୈଶାଖୀ ଉତ୍ସବ ତୃତୀୟ ସନ୍ଧ୍ୟାରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ଉତ୍ସବ କମିଟି ସଭାପତି ପ୍ରବୀର କୁମାର ଗିରିଙ୍କ ପୌରୋହିତ୍ୟରେ ପରିଚାଳିତ ଉତ୍ସବରେ ସ୍ୱାଗତ ଭାଷଣ ଦେଇଥିଲେ କମିଟି ସଦସ୍ୟ ବଳରାମ ବିଶି ଓ ଭବେନ୍ଦ୍ର ସାହୁ। ମୁଖ୍ୟଅତିଥି ଭାବେ ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ସତ୍ୟଶିବ ଦାସ, ବିଶିଷ୍ଟ ଅତିଥି ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସ, ସମ୍ମାନିତ ଅତିଥି ଭୋଗରାଇ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମୀନାରାଣୀ ସାସମଲ ପ୍ରମୁଖ ମା' ବାସୁଳୀ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ସରକାରଙ୍କଠାରେ ଦାବି ଉପସ୍ଥାପନ କରିଥିଲେ।

# ପଡ଼ିଆ ପଡ଼ିପାରେ ଚାଷଜମି

## ପ୍ରତିକୂଳ ପାଗକୁ ନେଇ ଚିନ୍ତାରେ ଚାଷୀ

**ତିହିଡ଼ି, ୧୬।୫ (ଡି.ଏନ.ଏ)**

ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ଚଳିତ ଖରିଫ ଋତୁରେ ୨୦ ହଜାର ହେକ୍ଟର ଜମିରେ ଧାନଚାଷ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ତେବେ ପ୍ରତିକୂଳ ପାଗକୁ ନେଇ ଚାଷୀମାନେ ଚିନ୍ତାରେ ରହିଛନ୍ତି। ପ୍ରତିକୂଳ ପାଗ ପାଇଁ ୨ହଜାର ହେକ୍ଟର ଜମି ଚାଷ ହୋଇ ନ ପାରି ପଡ଼ିଆ ପଡ଼ିବାର ଆଶଙ୍କା ପ୍ରକାଶ କରିଛନ୍ତି ଚାଷୀ। ବ୍ଲକର ୩୧ ପଞ୍ଚାୟତ ମଧ୍ୟରୁ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ଜଳସେଚନ ବ୍ୟବସ୍ଥା ନାହିଁ। ସେହି ପଞ୍ଚାୟତର ଚାଷୀମାନେ ଧାନଚାଷ ପାଇଁ ବର୍ଷାଜଳ ଉପରେ ନିର୍ଭର କରନ୍ତି। ତେବେ ଅକ୍ଷୟ ତୃତୀୟାଠାରୁ ଚାଷ ଅନୁକୂଳ ହୋଇଥିଲେ ମଧ୍ୟ ବିଭିନ୍ନ ସମୟରେ ବର୍ଷା ଲାଗି ରହିଥିବାରୁ ଖରାଟିଆ ହଳ ପାଇଁ ଜମି ଉପଯୁକ୍ତ ହୋଇପାରୁ ନାହିଁ।

ବ୍ଲକର ବାରସର, ଗୋବିନ୍ଦପୁର, କାଁପଡ଼ା, ଶ୍ୟାମସୁନ୍ଦରପୁର ପ୍ରଭୃତି ବନ୍ୟାପ୍ଲାବିତ ପଞ୍ଚାୟତରେ ଖରାଟିଆ ହଳ କରାଯାଇ ବୁଣାଧାନ କରାଯାଇଥାଏ। ବ୍ଲକର ମୋଟ ୪ ହଜାର ହେକ୍ଟର ଜମିରେ ବୁଣାଧାନ କରାଯାଇଥାଏ। ତେବେ ସେସବୁ ପଞ୍ଚାୟତ ବୁଣାଧାନ ଚାଷରେ ପଛେଇଯିବା ଆଶଙ୍କା ଉପୁଜିଛି। ମୋଟ ୨ ହଜାର ହେକ୍ଟର ଜମିରେ ରୁଆଧାନ ପାଇଁ ତଳି ପଡ଼ିଥାଏ। ଚାଷୀମାନେ ପ୍ରାୟତଃ ବତିରି ତଳି ପକାଇବାକୁ ଆଗ୍ରହ ପ୍ରକାଶ କରିଥିବା ବେଳେ ଚଳିତବର୍ଷ ପ୍ରତିକୂଳ ପାଗ ଯୋଗୁ ଏହି ତଳି ପକାଇବା ସମ୍ଭବ ହୋଇ ନ ପାରେ। ଚାଷୀମାନଙ୍କୁ ବିହନ ଯୋଗାଇବାକୁ ୧୩ଜଣ ଡିଲର ଦାୟିତ୍ୱରେ ଥିବାବେଳେ ଅଦ୍ୟାବଧି ଜଣେ ଡିଲର ବିହନ ଉଠାଇଥିବା ବ୍ଲକ କୃଷି ସୂଚନା ଓ ଗବେଷଣା କେନ୍ଦ୍ର ସୂତ୍ରରୁ ଜଣାଯାଇଛି। ଚଳିତବର୍ଷ ସ୍ୱର୍ଣ୍ଣ ସମେତ କଳାଚମ୍ପା, ହସନ୍ତ, ୧୧୪୦, ପ୍ରତୀକ୍ଷା, ୧୦୭୫ ଧାନ ଚାଷ କରାଯିବାର ଲକ୍ଷ୍ୟ ରହିଛି। ଅନ୍‌ଲାଇନରେ ଆବେଦନ କରିଥିବା ପଞ୍ଜୀକୃତ ଚାଷୀମାନେ ଡିଲରଙ୍କ ପାଖରୁ ବିହନ ସବ୍‌ସିଡ଼ିରେ ପାଇବାର ବ୍ୟବସ୍ଥା ରହିଛି। ଏବେ ସୁଦ୍ଧା ମୋଟ ୨୨୭ଜଣ ଚାଷୀ ବିହନ ପାଇଁ ଆବେଦନ କରିଥିବା ଜଣାଯାଇଛି। ତେବେ ଧାନ ତଳି ପକାଇବାକୁ ଆଉ ମାସେ ସମୟ ରହିଥିବା ବେଳେ ପାଗ ପ୍ରତିକୂଳ ରହିଲେ ସେମାନେ ଆତରା ତଳି ପକାଇବାକୁ ବାଧ ହେବେ। ଏଥିପାଇଁ ବହୁ ଜମି ପଡ଼ିଆ ପଡ଼ିବା ସହ ଅମଳ ମଧ୍ୟ କମିବାର ଆଶଙ୍କା ରହିଛି ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ରଘୁନାଥ ପତିଙ୍କୁ ପଚାରିବାରୁ ପାଗ ଏବେଠୁ ଶୃଙ୍ଖଳା ରହିଲେ ଖରିଫ ଧାନଚାଷରେ କୌଣସି ପ୍ରତିବନ୍ଧକ ହେବ ନାହିଁ ଏବଂ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ଜମିରେ ଠିକ୍ ରୂପେ ଚାଷ ହୋଇପାରିବ ବୋଲି କହିଛନ୍ତି।

# ଭୂମିହୀନଙ୍କୁ ଘରଡିହ ପଟ୍ଟା ଦାବି




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି ଭୂମିହୀନ ଓ ସହରାଞ୍ଚଳ ବସ୍ତି ବାସିନ୍ଦା।

## ଜିଲାପାଳଙ୍କ ଅଫିସ ଆଗରେ ଚାଷୀ ମୂଲିଆ ସଂଘର ଧାରଣା

**ଭଦ୍ରକ ଅଫିସ, ୧୬।୫**

ଭୂମିହୀନଙ୍କୁ ଘରଡିହ ପଟ୍ଟା, ସହରାଞ୍ଚଳ ବସ୍ତି ବାସିନ୍ଦାଙ୍କୁ ଜାଗା ମିଶନରେ ପ୍ରମାଣପତ୍ର ଦାବିରେ ଚାଷୀ ମୂଲିଆ ସଂଘର ଭଦ୍ରକ ଜିଲା କମିଟି ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ଅଫିସ୍ ଆଗରେ ଗଣଧାରଣା ଦିଆଯାଇଥିଲା। ସହରାଞ୍ଚଳର ସମସ୍ତ ବସ୍ତିକୁ ଶୀଘ୍ର ସରକାରୀ ମାନ୍ୟତା, ବସ୍ତି ବାସିନ୍ଦାଙ୍କୁ ଚିହ୍ନଟ କରାଯାଇ ଜାଗା ମିଶନରେ ପ୍ରମାଣପତ୍ର ଓ ବାସଗୃହ, ୨୦୦ ୟୁନିଟ ବିଜୁଳି ବିନା ଦେୟରେ ଯୋଗାଇବା, ଭୂମିହୀନ ପରିବାରକୁ ଦଖଲ ଜମିର ପଟ୍ଟା, ଚାଷ ଉପଯୋଗୀ ଜମି, ସମସ୍ତ ବସ୍ତିକୁ ପକ୍କାରାସ୍ତା ନିର୍ମାଣ ଆଦି ୯ ଦଫା ଦାବି କରାଯାଇଛି। ଶତାଧିକ ଭୂମିହୀନ ଗଣଧାରଣାରେ ସାମିଲ ଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ କାର୍ତ୍ତିକନାଥ ମଣ୍ଡଳ ଧାରଣାସ୍ଥଳକୁ ଆସି ସେମାନଙ୍କ ସହ ଆଲୋଚନା କରିଥିଲେ। ୭ ଦିନ ମଧ୍ୟରେ ଦାବିଗୁଡ଼ିକ ଉପରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୯ ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସୁଶାନ୍ତ ଜେନାଙ୍କ ନେତୃତ୍ୱରେ ବଳରାମ ନାଇକ, ବାପି କିସ୍କୁ, ଲାଲମନ ବେସରା, ବିକ୍ରମ ହେମ୍ବ୍ରମ, ଚୈତନ ହେମ୍ବ୍ରମ, ଜବ ନାଇକ, କୁନି ସିଂ, କୁନି ଦାସ, ସୀତା ବାରିକ ପ୍ରମୁଖ ଧାରଣା ଦେଇଥିଲେ।

# ହୋ ଭାଷାକୁ ରାଜ୍ୟ ଭାଷା ମାନ୍ୟତା ଦାବି ତେଜିଲା

**ପାଟଣା, ୧୬।୫(ସ୍ୱ.ପ୍ର.)**



ବ୍ଲକ କାର୍ଯ୍ୟାଳୟରେ ହୋ ସମାଜ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ହୋ ଭାଷାକୁ ରାଜ୍ୟ ଭାଷା ମାନ୍ୟତା, ପ୍ରାଥମିକଠାରୁ ପୋଷ୍ଟ ଗ୍ରାଜୁଏଶନ ପର୍ଯ୍ୟନ୍ତ ପାଠ୍ୟକ୍ରମରେ ହୋ ଭାଷା ପ୍ରଚଳନ, ଅଙ୍ଗନୱାଡ଼ିର ଅରୁଣୀମା କାର୍ଯ୍ୟକ୍ରମରେ ସାମିଲ, ରାଜ୍ୟର ୫ ଶହ ପ୍ରାଥମିକ ବିଦ୍ୟାଳୟରେ ହୋ ଭାଷା ଶିକ୍ଷକ ନିଯୁକ୍ତି, ବାରିପଦା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ କେନ୍ଦୁଝରସ୍ଥିତ ଦ୍ୱିତୀୟ କ୍ୟାମ୍ପସରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ଏହି ଭାଷା ପ୍ରଚଳନ ଆଦି ଦାବି ତେଜିବାରେ ଲାଗିଛି। ମଙ୍ଗଳବାର ପାଟଣା ମୁଖ୍ୟାଳୟରେ ବ୍ଲକ ବିର୍ସା ମୁଣ୍ଡା ହୋ ସମାଜ ମାର୍ଶାଲ ଆଖଡା ପକ୍ଷରୁ ଶୋଭାଯାତ୍ରା କରାଯାଇଛି। ଏଥିସହ ଏନେଇ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

୧ ହଜାରରୁ ଊର୍ଦ୍ଧ୍ୱ ହୋ ଭାଷାଭାଷୀ ମହିଳା ଓ ପୁରୁଷ ଆନନ୍ଦେଶ୍ୱର ଶିବମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। ଏହାପରେ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଶିବ ଶଙ୍କର ମୁର୍ମୁଙ୍କ ଅନୁପସ୍ଥିତିରେ ମୁଖ୍ୟ ଅମଲା ଶାନ୍ତନୁ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ହୋ ସମାଜର ପାଟଣା ବ୍ଲକ ସଭାପତି ସୁଦର୍ଶନ ମୁଣ୍ଡା ନେତୃତ୍ୱ ନେଇଥିଲେ। ସର୍ବଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ସଭାପତି ରାମ ରାୟ ମୁଦ୍ଦିୟା, ଜିଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ସରପଞ୍ଚ ବିନତି ବାନରା, ଜୀବନ ସିଂ ମୁଦ୍ଦିୟା, ବିଶ୍ୱ ଆଦିବାସୀ ସଂଘ ସଭାପତି ସୁଦର୍ଶନ ଲୋହାର, ଦୁମ୍ମୀ ହୋନାଗା, ଅଭିରାମ ସଏ, ତ୍ରିନାଥ ସାଏ, ବ୍ଲକ ଉପସଭାପତି ସୁବାସ ପାଳିଆ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ହୋ ସମ୍ପ୍ରଦାୟର ଲୋକେ ଏକାଠି ଶୋଭାଯାତ୍ରାରେ ବାହାରି ସେମାନଙ୍କ ନ୍ୟାଯ୍ୟ ଦାବି ସମ୍ପର୍କିତ ସ୍ଲୋଗାନ ଦେଇଥିଲେ।

## ଗାଁରେ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ

# ଖଟିଆରେ ବୁହାହେଲେ ରୋଗୀ

**ଚମ୍ପୁଆ, ୧୬।୫ (ଡି.ଏନ୍.ଏ.)**

ରାସ୍ତା ସମସ୍ୟା ଯୋଗୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ରାତିରେ ଜଣେ ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡ଼ିଥିଲା। କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅଧୀନ ନିଶାଗଡ଼ିଆ ପଞ୍ଚାୟତର ଜାମୁଦାସାହିଠାରେ ସୋମବାର ରାତିରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଘଟଣାରୁ ପ୍ରକାଶ ଯେ, ଶିରିକୁଆଁ ଗ୍ରାମର ଲେମ୍ବୁ ମୁଣ୍ଡା ନିଜ ଝିଅ ଘର ଜାମୁଦାସାହିକୁ ଯାଇଥିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଡାକ୍ତରଖାନାକୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଆସିଥିଲେ ହେଁ ରାସ୍ତା ସୁବିଧା ନ ଥିବାରୁ ଘର ପାଖକୁ ଯାଇପାରି ନ ଥିଲା। ଫଳରେ ଅସୁସ୍ଥ ଲେମ୍ବୁଙ୍କୁ ଖଟିଆରେ ବୋହି ଅନ୍ଧାର ରାତିରେ ଟ୍ରଚ୍ ଆଲୁଅରେ ପ୍ରାୟ ୪୦୦ ମିଟର ପର୍ଯ୍ୟନ୍ତ ଆମ୍ବୁଲାନ୍ସ ପାଖରେ ପହଞ୍ଚାଇଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସରେ ଭଣ୍ଡା ଡାକ୍ତରଖାନାକୁ ନିଆଯାଇଥିଲା।

# ଗୁଳିମାଡ଼ରେ ବ୍ୟାଙ୍କ କର୍ମଚାରୀ ଗୁରୁତର

**ରାଇରଙ୍ଗପୁର, ୧୬।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ବାଇପାସ୍ ଛକ ନିକଟରେ ସୋମବାର ରାତିରେ ଗୁଳିକାଣ୍ଡ ଘଟିଛି। ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ସ୍ଥାନୀୟ ଅଞ୍ଚଳର ବ୍ୟାଙ୍କ କର୍ମଚାରୀ ଗୌରବ ଦାସ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଜାମସେଦପୁରସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ପଠାଯାଇଛି। ଖବର ପାଇ ପୋଲିସ ପହଞ୍ଚି ଗୋଟିଏ ବନ୍ଧୁକ, ୬ ରାଉଣ୍ଡ ଅଫୁଟା ଗୁଳି ଓ ଖୋକା ଜବତ କରିଛି। ସେହିପରି ଉତ୍ୟକ୍ତ ଲୋକଙ୍କ ମାଡ଼ରେ ଜଣେ ଦୁର୍ବୃତ୍ତ ଆହତ ହୋଇଛନ୍ତି। ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଅନ୍ୟ ୨ ଲୁଟେରା ଫେରାର ହୋଇଯାଇଛନ୍ତି।

ସୂଚନା ଅନୁଯାୟୀ, ରାତି ୯ଟା ବେଳେ ବହଳଦା ଛକ ନିକଟରେ ରହୁଥିବା ବ୍ୟାଙ୍କ କର୍ମଚାରୀ ଗୌରବଙ୍କ ଘରକୁ ୩ ଦୁର୍ବୃତ୍ତ ଯାଇ ପାଟିତୁଣ୍ଡ କରିଥିଲେ। ସେଠାରେ ଥିବା କାର୍ତ୍ତିକ ସ୍ୱାଇଁ ନାମକ ଜଣେ ବ୍ୟବସାୟୀ ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିବା ସହ ଗୌରବଙ୍କ ଉପରକୁ ଗୁଳି ଚଳାଇଥିଲେ। ଘଟଣା ପରେ ୨ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ବେଳେ ଜଣଙ୍କୁ ସ୍ଥାନୀୟ ଲୋକେ କାବୁ କରି ନିସ୍ତୁକ ମାଡ଼ ମାରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୬୦/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# କାର୍ଯ୍ୟାନୁଷ୍ଠାନ ପାଇଁ କମିଶନରଙ୍କ ନିର୍ଦ୍ଦେଶ

## ସୂଚନା ପ୍ରଦାନରେ ବିଳମ୍ବ

**କେନ୍ଦୁଝର/ହାଟଡିହି, ୧୬।୫ (ସ୍ୱ.ପ୍ର./ଡି.ଏନ୍.ଏ.)**

ସୂଚନା ପ୍ରଦାନରେ ବିଳମ୍ବ କରିଥିବା ଅଧିକାରୀଙ୍କ ବିରୋଧରେ ପ୍ରଶାସନିକ ତଦନ୍ତ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସୂଚନା କମିଶନର ବି.କେ. ମହାପାତ୍ର କେନ୍ଦୁଝର ଜିଲାପରିଷଦ ସିଡିଓ ତଥା ଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନ ବଳରେ ହାଟଡିହି ବ୍ଲକ ଅଧୀନ ସମଣା, ଶାଳନିଆ, ହାବଳେଶ୍ୱର ଏବଂ ପଡ଼ିଆରୀପଲି ପଞ୍ଚାୟତ ସମ୍ବନ୍ଧୀୟ କିଛି ସୂଚନା ମଗାଇଥିଲେ। ସମଣା ପଞ୍ଚାୟତର ସୂଚନା ମିଳିଥିବା ବେଳେ ଅବଶିଷ୍ଟ ପଞ୍ଚାୟତର ସୂଚନା ମିଳି ନ ଥିଲା। ଫଳରେ ରାଜ୍ୟ ସୂଚନା କମିଶନଙ୍କ କାର୍ଯ୍ୟାଳୟରେ ଏକ ଅପିଲ ଦାୟର ହୋଇଥିଲା। ଅପିଲ ନଂ. ୩୬୦/୨୦୨୧ ଅଟେ। ଅପିଲ ଶୁଣାଣି ଚାଲିଥିବା ବେଳେ ଶାଳନିଆ ପଞ୍ଚାୟତ ପକ୍ଷରୁ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରାଯାଇଥିଲା। କିନ୍ତୁ ହାବଳେଶ୍ୱର ଏବଂ ପଡ଼ିଆରୀପଲି ପଞ୍ଚାୟତ ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଇ ନ ଥିଲା। ଏଥିସହ ଏହି ୨ ପଞ୍ଚାୟତର ପିଇଓ ତଥା ସୂଚନା ଅଧିକାରୀ କୌଣସି ମତ କମିଶନରଙ୍କ ନିକଟରେ ରଖି ନ ଥିଲେ। ଫଳରେ କମିଶନର ଅବସର ପ୍ରାପ୍ତ କର୍ମଚାରୀ ନବୀନ ଚନ୍ଦ୍ର ନାୟକ, ପଡ଼ିଆରୀପଲି ପଞ୍ଚାୟତର ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ହରିହର ସେଠି, ହାବଳେଶ୍ୱର ପଞ୍ଚାୟତର ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶରତ ଚନ୍ଦ୍ର ସାହୁ ଏବଂ ସମ୍ପୃକ୍ତ ଅନ୍ୟ କର୍ମଚାରୀଙ୍କୁ ତଦନ୍ତ ପରିସର ଭୁକ୍ତ କରି ଅପିଲ ପ୍ରୋସିଡିଓର ରୁଲସ୍ ୨୦୦୬, ସେକ୍ସନ ୨୦(୨)ଆର୍‌ଟିଆଇ ଆକ୍ଟ ରୁଲ୍ ୭(୧)(ସି) ଅନୁସାରେ ପ୍ରଶାସନିକ ତଦନ୍ତ ଏବଂ ଦାୟୀ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି।

# ସହାୟତା କାର୍ଯ୍ୟକ୍ରମ



ପୁରୀ ସରସ୍ୱତୀ ଆବାସିକ ଶିଶୁ ବିକାଶ ବିଦ୍ୟାମନ୍ଦିରରେ ଆୟୋଜିତ ସହାୟତା କାର୍ଯ୍ୟକ୍ରମ।

**ବାଲେଶ୍ୱର ଅଫିସ, ୧୬।୫**

ବାଲେଶ୍ୱର ସହର ଚାନ୍ଦମାରି ପଡ଼ିଆସ୍ଥିତ ପୁରୀ ସରସ୍ୱତୀ ଆବାସିକ ଶିଶୁ ବିକାଶ ବିଦ୍ୟାମନ୍ଦିରରେ ଆର୍ଟ ଅଫ ଗିଭିଂ ମାଧ୍ୟମରେ ସ୍ନେହ, ଶାନ୍ତି, ଖୁସି ଓ ସନ୍ତୋଷ ଦେବା ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଏହି ଅଭିନବ ପ୍ରୟାସ ପ୍ରତିବର୍ଷ ବିଶ୍ୱର ବିଭିନ୍ନ ସ୍ଥାନରେ ପାଳିତ ହୋଇଆସୁଛି। ଚଳିତବର୍ଷ ଭାରତ ସମେତ ବିଶ୍ୱର ୧୨୦ଟି ଦେଶରେ ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସ ଆୟୋଜନ କରାଯାଉଛି। ଏହି ସହାୟତା କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାମନ୍ଦିରରେ ସାଧାରଣ ରିକ୍ସାଚାଳକ, ଦୈନନ୍ଦିନ ଖଟିଖିଆ ବ୍ୟକ୍ତି ଓ ସ୍ୱେଚ୍ଛାସେବୀ ପାଇଁ ଆଗ୍ରହୀମାନଙ୍କୁ ଦୟା, ସ୍ନେହ ଓ କୃତଜ୍ଞତା ଭଳି ସାଧାରଣ ଅଭିଯାନରେ ସାମିଲ କରାଯାଇଥିଲା। ସ୍ଥାନୀୟ ଶିକ୍ଷାବିତ୍ ସୁଦର୍ଶନ ଦାସ, ଅନୁଷ୍ଠାନ ସମ୍ପାଦକ ଜିତେନ୍ଦ୍ର ପ୍ରହରାଜ, ସଙ୍ଗଠକ ଓ ସ୍ୱେଚ୍ଛାସେବୀ ଚନ୍ଦନ କୁମାର ଗିରି ଓ ବିଦ୍ୟାଳୟର ଗୁରୁଜୀ ଓ ଗୁରୁମା ଉପସ୍ଥିତ ରହି ନୂତନ ବସ୍ତ୍ର ଓ ଜଳଖିଆ ବଣ୍ଟନ କରିଥିଲେ। ପାଇବାର କୌଣସି ଆଶା ନ ରଖି ବିଭିନ୍ନ ଭାବେ ଦାନ କରିବା ଏକ ସକରାତ୍ମକ କାର୍ଯ୍ୟ ବୋଲି ଶିକ୍ଷାବିତ୍ ଦାସ ପ୍ରକାଶ କରିଥିଲେ। ଗୁରୁମା ଗାୟତ୍ରୀ ପ୍ରହରାଜ ଧନ୍ୟବାଦ ଦେଇଥିଲେ।

# ଗୋଟିଏ ରାତିରେ ୨ ଗାଁରୁ ୫ ଚୋରି

**ଖଇରା, ୧୬।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ପଳସା ପଞ୍ଚାୟତ ଅଧୀନ ମଳିହା(ବଣସାହି) ଓ ସାରୁଗାଁ ପଞ୍ଚାୟତର ମିଟୁଆଣି ଗ୍ରାମରୁ ସୋମବାର ରାତିରେ ଦୁର୍ବୃତ୍ତମାନେ ୫ ଘରୁ ଚୋରି କରିଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି। ପ୍ରଥମେ ଚୋରମାନେ ବଣସାହିର ଦାଶରଥି ବେହେରାଙ୍କ ଘରେ ପଶି ସେମାନେ ଶୋଇଥିବା କୋଠରୀର ବାହାରପଟୁ ତାଲା ଦେବା ପରେ ଗହଣା ସହ ନଗଦ ୩୦ହଜାର ଟଙ୍କା ଓ ଅନ୍ୟାନ୍ୟ ଆସବାବପତ୍ର ଲୁଟି ନେଇଥିବା ଅଭିଯୋଗ ହୋଇଛି। ପରେ ଆନନ୍ଦ ସେନାପତି, ବାବୁ ବେହେରା ଓ ଏକାଦଶିଆ ସେନାପତିଙ୍କ ଘରୁ ମଧ୍ୟ ସମାନ ଢଙ୍ଗରେ ଚୋରି କରିଛନ୍ତି। ଖଇରା ଥାନା ଆଇଆଇସି ରଶ୍ମିତା ମହାଲିକ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସେହିଭଳି ସାରୁଗାଁ ପଞ୍ଚାୟତ ଅଧୀନ ମିଟୁଆଣି ଗ୍ରାମର ସୁରେନ୍ଦ୍ର ଦତ୍ତଙ୍କ ଘରେ କେହି ନ ଥିବା ବେଳେ ବାଇକ୍ ତଥା ସୁନାଗହଣା ଚୋରି ହୋଇଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ଏଭଳି କ୍ରମାଗତ ଚୋରିଙ୍କୁ ନେଇ ସାଧାରଣ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି।

# ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ

**ବାହାନଗା, ୧୬।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବିଷ୍ଣୁପୁର ଗ୍ରାମର ବିଶାଳଖଣ୍ଡ ନାଗରିକ ମଞ୍ଚ ତରଫରୁ ଏକ ସମ୍ବର୍ଦ୍ଧନା ସମାରୋହ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଛି। ନାଗରିକ ମଞ୍ଚର ବରିଷ୍ଠ ଶିକ୍ଷକ ଗଣେଶ୍ୱର ତ୍ରିପାଠୀଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଲେଖିକା ଅରୁଣା ରାୟ ଯୋଗଦେଇ ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିଥିବାରୁ ମଞ୍ଚର ସଦସ୍ୟମାନଙ୍କୁ ସାଧୁବାଦ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ସାହିତ୍ୟ ସଂସଦର ପ୍ରାକ୍ତନ ସଭାପତି ତଥା ବିଶିଷ୍ଟ ସାହିତ୍ୟିକ ଡଃ ଗିରିଶ୍ ଚନ୍ଦ୍ର ଜେନା ଯୋଗଦେଇ ଓଡିଆ ଭାଷା ତଥା ସାହିତ୍ୟ ଆମର ସଂସ୍କୃତି ଓ ସଭ୍ୟତା ବୋଲି କହିବା ସହିତ ଏହାର ମର୍ଯ୍ୟାଦା ପାଳନ କରିବା ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ୍ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଫକୀରମୋହନ ସାହିତ୍ୟ ସଂସଦର ସଭାପତି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡିଆ ଭାଷା ଉପଦେଷ୍ଟା ସଦସ୍ୟ ଡଃ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବର୍ଷିୟାନ ଲେଖକ ତଥା ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ବିଶାଳ ଖଣ୍ଡ ନାଗରିକ ମଞ୍ଚ ତରଫରୁ ଡଃ ତ୍ରିପାଠୀଙ୍କୁ କବି ଗୋପାଳ ପଣ୍ଡା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାପରେ ବର୍ଷିୟାନ ଲେଖକ ମହେଶ୍ୱର ପଣ୍ଡାଙ୍କ ଲିଖିତ ପୁସ୍ତକ 'ବିଷ୍ଣୁପୁର ମହାବୀର ହନୁମାନ ଓ ଭଡା ପାଟ' ବରେଣ୍ୟ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।



ଡଃ ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କୁ କବି ଗୋପାଳ ପଣ୍ଡା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଉଛି।

# ବିଭିନ୍ନ ସ୍ଥାନରେ ପାଳିଲେ ବିପ୍ଳବୀ ଧରଣୀଧରଙ୍କ ପୁଣ୍ୟତିଥି

**କେନ୍ଦୁଝର, ୧୬।୫ (ସ୍ୱ.ପ୍ର)**

କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ବିପ୍ଳବୀ ଧରଣୀଧର ନାଏକଙ୍କ ପୁଣ୍ୟତିଥି ପାଳନ କରାଯାଇଛି। ଏହି ଅବସରରେ ମଙ୍ଗଳବାର କେନ୍ଦୁଝର ଭୁୟାଁ ସଙ୍ଗଠନ ପକ୍ଷରୁ ଗାନ୍ଧୀଛକସ୍ଥିତ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଙ୍ଗଠନର ସଭାପତି ହରିଶଙ୍କର ନାଏକ, ସମ୍ପାଦକ ଶ୍ୟାମସୁନ୍ଦର ନାଏକ, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ଅମାନ୍ତ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ନାଏକ, ଉପଦେଷ୍ଟା କାଙ୍ଗାଳି ଚରଣ ନାଏକ, ତ୍ରିଲୋଚନ ନାଏକ, ଲକ୍ଷ୍ମୀଧର ନାଏକ, ରଜତ ନାଏକ, ଅଶ୍ୱସ୍ତ କୁମାର ନାଏକ, ବନମାଳି ନାଏକ, ଚତୁର୍ଭୁଜ ନାଏକ, ପ୍ରାଣବଲ୍ଲଭ ନାଏକ, ସଞ୍ଜୟ ଶେଖର ଗିରି ପ୍ରମୁଖ ଉପସ୍ଥିତ ଥିଲେ। ପରେ ସଙ୍ଗଠନ କାର୍ଯ୍ୟାଳୟରେ ଧରଣୀଧରଙ୍କ ସ୍ମୃତିଚାରଣ କରାଯାଇଥିଲା। ସଭାପତି ନାଏକଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ସଙ୍ଗଠନର ସମସ୍ତ ସଦସ୍ୟ ବିପ୍ଳବୀ ଧରଣୀଧରଙ୍କ ସ୍ମୃତିଚାରଣ କରିଥିଲେ।

# ଅସରାଏ ବର୍ଷାରେ ରାସ୍ତା ମରଣଯନ୍ତା

**ରାଇବଣିଆ, ୧୬।୫**



ରାସ୍ତାର ଦୁରବସ୍ଥା।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଚମାର ଗାଁ ପଞ୍ଚାୟତର ଚାଫୁଆ ଛକଠାରୁ ଜଳେଶ୍ୱରକୁ ଯିବା ପାଇଁ ଥିବା ପ୍ରଧାନମନ୍ତ୍ରୀ ସଡ଼କ ଅବସ୍ଥା ଶୋଚନୀୟ ହୋଇପଡିଛନ୍ତି। ଅସରାଏ ବର୍ଷାରେ ରାସ୍ତା ମରଣଯନ୍ତା ପାଲଟିଛି।

ହଜାର ହଜାର ଲୋକେ ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଯିବା ଆସିବା କରିଥାନ୍ତି। ସୋମବାର ରାତିରେ ବର୍ଷା ପରେ କେତେକ ଲୋକେ ପଡ଼ି ଆହତ ହୋଇ ଡାକ୍ତରଖାନା ଯାଇଛନ୍ତି। ଏହି ରାସ୍ତାରେ ଚାଲି ଚାଲି ଯିବା କଷ୍ଟକର। କାଦୁଅ ରାସ୍ତାକୁ ଦେଖି ପାଖ ଲୋକେ ସଫା କରିବା ପାଇଁ ବାହାରି ଆସିଥିଲେ। ଏହି ରାସ୍ତାରେ ଟ୍ରାକ୍ଟର ଓ ହାର୍ଭେଷ୍ଟର ଯାତାୟାତ କରୁଥିବାରୁ ଜମିରୁ ମାଟି ଆସି ରାସ୍ତା କାଦୁଅ ହେଉଥିବା ଜଣାପଡ଼ିଛି। ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

**ଘରେ ପଶି ମୋଟରସାଇକେଲ ଚୋରି**

ଯୋଡ଼ା,(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ଶାସ୍ତ୍ରୀନଗରରେ ରହୁଥିବା ଶ୍ରୀକାନ୍ତ ଦାସଙ୍କ ଘର ଗେଟ୍ ତାଲା ଭାଙ୍ଗି ଏକ ବୁଲେଟ ମୋଟର ସାଇକେଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରବିବାର ବିଳମ୍ବିତ ରାତିରେ ଶ୍ରୀକାନ୍ତଙ୍କ ଘର ତାଲା ଭାଙ୍ଗି ଚୋରମାନେ ପଶିଥିଲେ। ସବୁ ଘରଗୁଡ଼ିକୁ ବାହାର ପାର୍ଶ୍ୱରୁ ବନ୍ଦ କରିବା ପରେ ଏକ ବୁଲେଟ ନେଇ ଯାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବିଳମ୍ବିତ ରାତିରେ ଯୋଡ଼ା ସହରରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବାରୁ ପୋଲିସ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

**ରୂପସା,୧୬।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଖଣ୍ଡପସା ଗ୍ରାମର ରେବତୀ ନାମ୍ନୀ ମହିଳା ମଙ୍ଗଳବାର ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ଶମ୍ଭୁନାଥ ସାହୁ ୧୪ ବର୍ଷ ତଳେ ଜଳେଶ୍ୱର ଥାନା ନନ୍ଦିକା ଗ୍ରାମର ରେବତୀଙ୍କୁ ବିବାହ କରିଥିଲେ। ଏବେ ତାଙ୍କର ୧୨ବର୍ଷର ପୁଅଟିଏ ଅଛି। ବର୍ଷେ ହେଲା ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ରେବତୀ ଘରୁ ପଳାଇ ଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଶମ୍ଭୁନାଥ ଫ୍ୟାମିଲି କୋର୍ଟରେ ଆଶ୍ରୟ ନେଇଥିଲେ। ଗତ ୧୪ ତାରିଖ ରାତିରେ ରେବତୀ ଖଣ୍ଡପସା ଗ୍ରାମରେ ପହଞ୍ଚି ସ୍ୱାମୀଙ୍କ ସହ ବୁଝାମଣା କରି ରହିଥିଲେ। କୌଣସି କାରଣରୁ ସ୍ୱାମୀ ନ ଥିବା ବେଳେ ରେବତୀ ଘର ଫ୍ୟାନ୍‌ରେ ଫାଶୀ ଦେଇ ଆତ୍ମହତ୍ୟା କରିଥିଲେ। ବସ୍ତା ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି।

### କୋଟଶିରାରେ ଭଲିବଲ୍ ଟୁର୍ନାମେଣ୍ଟ

**ଭଣ୍ଡାରିପୋଖରୀ, ୧୬।୫(ସ୍ୱ.ପ୍ର.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତର କୋଟଶିରାଠାରେ ଜୟ ଜଗନ୍ନାଥ କ୍ଲବ ପକ୍ଷରୁ ରାତ୍ରିକାଳୀନ ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଥାନାଧିକାରୀ ତପନ ପ୍ରଧାନ, ଅଧ୍ୟାପକ ଡ. ରଘୁନାଥ ସାହୁ, ଲମ୍ବୋଦର ଲେଙ୍କା, ପ୍ରସନ୍ନ ସାହୁ, ବିନୋଦ ବିହାରୀ ରାଉତ, ଖବରଦାତା ବିକାଶ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଚାନ୍ଦବାଲି ୨-୦ରେ ବିଜୟୀ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଉଦୟ ନାଥ ସେଠି ବିଜୟୀ ଦଳକୁ ସିଲ୍ ଓ ଅର୍ଥରାଶି ପ୍ରଦାନ କରିଥିଲେ।

### ଗ୍ରୀଷ୍ମକାଳୀନ ଟେନିକଏଟ୍ ପ୍ରଶିକ୍ଷଣ

ଭଦ୍ରକ ଅଫିସ, ୧୬।୫-ଭଦ୍ରକ ବିନ୍ଦୁମାଧବ ବାଗୁରାଇ ହାଇସ୍କୁଲ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ ଟେନିକଏଟ୍ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଆରମ୍ଭ ହୋଇଛି। ଜିଲା ଟେନିକଏଟ ସଂଘର ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ୧୦ଦିନ ଶିବିର ଅନୁଷ୍ଠିତ ହେବ। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କାଉନସିଲରଙ୍କ ପ୍ରତିନିଧି ଅଶୋକ କୁମାର ନାୟକ, ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ ପଣ୍ଡା, ଜିଲା ଟେନିକଏଟ ସଂଘ ସମ୍ପାଦକ ମନୋଜ କୁମାର ସାହୁ, ଉପସଭାପତି ସୁବାସ ଦୀକ୍ଷିତ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ରବିନାରାୟଣ ମହାନ୍ତି, ତରୁଣ କୁମାର ଭଟ୍ଟାଚାର୍ଯ୍ୟ, ସନ୍ତୋଷ ଖିଲାର, ସୋମନାଥ ଜେନା, ବିଦ୍ୟାଳୟର ଅଫିସ ସହାୟକ ଗଣେଶ ପ୍ରସାଦ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ତପନ କୁମାର ମିଶ୍ର ଶିବିର ପରିଚାଳନା କରିଥିଲେ।

# ଗରା, ବାଲ୍‌ଟି ଧରି ରାସ୍ତାରେ ମହିଳା


ଗରା, ବାଲ୍‌ଟି ଧରି ମହିଳାମାନେ ରାଜରାସ୍ତାରେ ବସିରହିଛନ୍ତି।

**ନୀଳଗିରି, ୧୬।୫(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଛତ୍ରପୁର ପଞ୍ଚାୟତର ୪ଟି ଗାଁରେ ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା ଦେଖାଦେଇଛି। ଏହାର ପ୍ରତିବାଦ କରି ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଶତାଧିକ ଗ୍ରାମବାସୀ ସେରଗଡ଼ରୁ ଉଦଳା ସଂଯୋଗ ହେଉଥିବା ୧୯ନଂ. ରାଜ୍ୟ ରାଜପଥ ଛତ୍ରପୁର ବଜାର ପାଖରେ ଗରା, ବାଲ୍‌ଟି ଧରି ଶାନ୍ତିପୂର୍ଣ୍ଣ ଭାବେ ରାସ୍ତା ଅବରୋଧ କରିଥିଲେ।

ଭଗାବନ୍ଧ, ଚତୁରୀପଡ଼ା, ସରୁଚମ୍ପା, ମାଙ୍କିଡ଼ିଆ ସାହି ଗାଁରେ ନଳକୂପ ଶୁଖିଯିବା ପରେ ପାଇପ ପାଣି ଉପରେ ଭରସା କରିଥିଲେ। ମାତ୍ର ପାଇପ ଫାଟିଯିବାରୁ ପାଣି ଯୋଗାଣରେ ଅବ୍ୟବସ୍ଥା ହେଉଥିଲା। ଏନେଇ ଅଞ୍ଚଳବାସୀ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଇ ନ ଥିଲେ। ଟ୍ୟାଙ୍କର ମାଧ୍ୟମରେ ପାଣି ମଧ୍ୟ ଯୋଗାଇ ଦିଆଗଲା ନାହିଁ। ପ୍ରତିବାଦ ସ୍ୱରୂପ ଶତାଧିକ ଅଞ୍ଚଳବାସୀ ରାଜ୍ୟ ରାଜପଥର ଛତ୍ରପୁରଠାରେ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘଟଣାସ୍ଥଳରେ ବରହମପୁର ପୋଲିସ ଧାରଣାସ୍ଥଳରେ ପହଞ୍ଚିଥିଲା। ପରେ ବିଭାଗୀୟ ଅଧିକାରୀ ଫୋନ୍ ମାଧ୍ୟମରେ ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ପ୍ରତିକାର ହେବା ସହିତ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# କାଉନସିଲରଙ୍କୁ ଦୁର୍ବ୍ୟବହାର ଅଭିଯୋଗ



ଏସ୍‌ପି ଅଫିସ୍ ସମ୍ମୁଖରେ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

**ଭଦ୍ରକ ଅଫିସ,୧୬।୫**

ଭଦ୍ରକ ପୌର ପରିଷଦର ୧ନଂ. ୱାର୍ଡ ଚରମ୍ପା ବରାଳପୋଖରୀରେ ରାଜନୈତିକ ବିବାଦ ଦିନକୁ ଦିନ ଉଗ୍ରରୂପ ନେଉଛି। କାଉନସିଲର ଓ ତାଙ୍କର ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ମାମଲା ଶେଷରେ ଥାନାରେ ପହଞ୍ଚିଛି। କାଉନସିଲର ଜୟନ୍ତୀ ପୃଷ୍ଟିଙ୍କୁ ତାଙ୍କର ବିରୋଧୀ ଦୁର୍ବ୍ୟବହାର ସହ ଗତ ୧୪ ତାରିଖ ରାତିରେ ୪ଜଣ ଯୁବକ ତାଙ୍କ ଘରେ ପଶି ଭଙ୍ଗାରୁଜା କରିଥିବା ନେଇ ସେ ସୋମବାର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ମଧ୍ୟ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ବିଳମ୍ବ କରୁଥିବା ବେଳେ ଓଲଟା ସାମାଜିକ ଗଣମାଧ୍ୟମରେ

**ଏସ୍‌ପିଙ୍କୁ ଭେଟିଲେ ୱାର୍ଡର ମହିଳା**

ପ୍ରତିଦ୍ୱନ୍ଦ୍ୱୀ କାଉନସିଲର ପ୍ରାର୍ଥିନୀ ତାଙ୍କୁ ଅସମ୍ମାନିତ କଲା ଭଳି କମେଣ୍ଟ ଦେଇଥିବା ସେ ମଙ୍ଗଳବାର ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଜୟନ୍ତୀଙ୍କ ସମେତ ୱାର୍ଡର ମହିଳାମାନେ ଏହି ଘଟଣାକୁ ବିରୋଧ କରିବା ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ ମଧ୍ୟ ଏସ୍‌ପିଙ୍କ ଅଫିସ୍‌ରେ ପହଞ୍ଚି କାଉନସିଲରଙ୍କ ସୁରକ୍ଷା ନେଇ ଆଲୋଚନା କରିଥିଲେ। ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି ଘଟଣାର ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ପୌରାଧ୍ୟକ୍ଷା କହିଛନ୍ତି।

# ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିଲେ

**ନୀଳଗିରି, ୧୬।୫(ସ୍ୱ.ପ୍ର.)**

ସ୍ତ୍ରୀ, ପିଲାଛୁଆଙ୍କ ମୁହଁରେ ଗଣ୍ଡେ ଦାନା ଦେଇ ସୁଖରେ ରହିବାର ସ୍ୱପ୍ନ ନେଇ ଘର ଛାଡ଼ି ସୁଦୂର ଗୁଜରାଟକୁ ଯାଇଥିଲେ କାର୍ତ୍ତିକ। ମାତ୍ର କେଇଟା ଦିନ ପରେ ଶବ ହୋଇ ଫେରିଲେ। ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ନୀଳଗିରି ଥାନା ଅଯୋଧ୍ୟା ଅଞ୍ଚଳରେ।

ପ୍ରାୟ ୨୦ ବର୍ଷ ତଳେ ଖନ୍ତାପଡ଼ା ଥାନା ସେରଗଡ଼ ଅଞ୍ଚଳର କାର୍ତ୍ତିକ ସିଂଙ୍କୁ ବିବାହ କରିଥିଲେ ଅଯୋଧ୍ୟା ଗ୍ରାମର ସୁଭଦ୍ରା। ହସଖୁସିର ସଂସାର ଚାଲିଥିବା ବେଳେ ସେମାନଙ୍କ ୩ଟି ସନ୍ତାନ ଜନ୍ମ ହୋଇଥିଲେ। ଉଭୟ ସ୍ତ୍ରୀ ସ୍ୱାମୀ ବିବାହ ଅଯୋଧ୍ୟା ଗ୍ରାମରେ ରହିଆସୁଥିଲେ। ଗତ ୨ ତାରିଖରେ ଉକ୍ତ ଗ୍ରାମର ଛଅଟିଆ ସିଂ ଏବଂ ସ୍ତ୍ରୀ ମିନତୀ ଭୋଜିଭାତ କରି କାର୍ତ୍ତିକଙ୍କୁ ଖାଇବାକୁ ଦେଇଥିଲେ। ଏହାପରେ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଦାସିପୁର ଗ୍ରାମର ଠିକାଦାର ଜଗା ସିଂଙ୍କ ସହ ଗୁଜରାଟକୁ ପଠାଇ ଦେଇଥିଲେ। ସେଠାରେ ତାଙ୍କୁ ମାରିଦେଇଥିବା ସ୍ତ୍ରୀ ସୁଭଦ୍ରା ମଙ୍ଗଳବାର ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୁଜରାଟର ଏକ କମ୍ପାନୀରେ କାମ କରୁଥିବା ବେଳେ ହଠାତ୍ ମଙ୍ଗଳବାର ଠିକାଦାର ଜଗା ସିଂଙ୍କ ସହିତ ଅନ୍ୟ ୩ଜଣ ଲୋକ ଏକ ଆମ୍ବୁଲାନ୍ସରେ କାର୍ତ୍ତିକଙ୍କ ମୃତଦେହ ଅଯୋଧ୍ୟା ପହଞ୍ଚିବା ପରେ ପରିବାର ସହିତ ଗ୍ରାମବାସୀ ଆବାକ୍ ହୋଇଯାଇଥିଲେ। ୧୫ଦିନ ନ ପୂରୁଣୁ ଗୁଜରାଟର ଏକ କମ୍ପାନୀରେ କାମ କରୁଥିବା କାର୍ତ୍ତିକଙ୍କ ମୃତ୍ୟୁ କିପରି ହେଲା, ଯଦି ଶରୀର ଅସୁସ୍ଥ ଥିଲା ଘର ଲୋକେ କିପରି ଜାଣିପାରିଲେନି ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ କାର୍ତ୍ତିକଙ୍କୁ ସୁଚିନ୍ତିତ ଭାବେ ହତ୍ୟା କରାଯାଇଥିବା ନେଇ ସ୍ତ୍ରୀ ସୁଭଦ୍ରା ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି।

# ଆଇନଗତ ପଦକ୍ଷେପ ନେବାକୁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ

**ସଡ଼ଙ୍ଗ ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ଭିତ୍ତିଭୂମି ନିରୂପଣ ପ୍ରସଙ୍ଗ**

**ହାଟଡିହୀ,୧୬।୫(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଡ଼ଙ୍ଗ ଗ୍ରାମ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟରେ ଭିତ୍ତିଭୂମି ନିରୂପଣକୁ ନେଇ ମାମଲା ଓଡ଼ିଶା ହାଇକୋର୍ଟରେ ପହଞ୍ଚିଛି। କେସ୍ ନଂ ଡବ୍ଲ୍ୟୁପି (ସି) ୧୩୮୬୫/୨୦୨୩ ଅଟେ। ହାଇକୋର୍ଟ ଉକ୍ତ ମାମଲାର ବିଚାର କରି ନିର୍ଦ୍ଦେଶ ପାଇବାର ୬ସପ୍ତାହ ମଧ୍ୟରେ ଆଇନଗତ ପଦକ୍ଷେପ ନେବାକୁ ଆନନ୍ଦପୁର ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଡିଏମ୍‌ଏଫ୍ ଚିଠି ନଂ. ୩୧୫୧/୩୦।୮।୨୦୨୨ ଅନୁସାରେ ଜିଲାର ସମସ୍ତ ବିଡ଼ିଓଙ୍କୁ ପ୍ରତି ପଞ୍ଚାୟତରେ ଗାଁ ପାଠାଗାର, କମ୍ୟୁନିଟି ହଲ୍, ଖେଳ ପଡ଼ିଆ ନିର୍ମାଣ ପାଇଁ ଆବଶ୍ୟକୀୟ ତଥ୍ୟ ପ୍ରଦାନ ଲାଗି ନିର୍ଦ୍ଦେଶ ଜାରି ହୋଇଥିଲା। ସେହିପରି ରାଜସ୍ୱ ବିଭାଗ ପକ୍ଷରୁ ଜିଲାର ସମସ୍ତ ତହସିଲଦାରଙ୍କୁ ଏଡିଏମ ସ୍ଥାନ ନିରୂପଣ କରି ଜଣାଇବାକୁ ନିର୍ଦ୍ଦେଶ ଜାରି କରିଥିଲେ। କିନ୍ତୁ ନିୟମ ଅନୁସାରେ ହାଟଡିହୀ ତହସିଲଦାର ସ୍ଥାନ ନିରୂପଣ କରି ନ ଥିଲେ। ତହସିଲଦାର ପାଠାଗାର,କମ୍ୟୁନିଟି ହଲ, ଖେଳ ପଡ଼ିଆ ପାଇଁ ଅନେକ ପଞ୍ଚାୟତରେ ଗୋଚର, ଗ୍ରାମ୍ୟ ଜଙ୍ଗଲ, ଜଳାଶୟ, ବାଲିଚର, ପୋଖରୀ ଆଦି ସ୍ଥାନକୁ ନିରୂପଣ କରି ହାଟଡିହୀ ବିଡିଓଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ମେମୋ ନଂ. ୨୦୨,୨୦୩,୨୦୪,୨୦୪(ଏ) ଅନୁସାରେ ୨୧।୧।୨୦୨୩ରେ ଉକ୍ତ ରିପୋର୍ଟ ପ୍ରଦାନ କରାଯାଇଥିଲା। କିନ୍ତୁ ସଡ଼ଙ୍ଗ ପଞ୍ଚାୟତର ଶତାଧିକ ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ହାଟଡିହୀ ବିଡିଓ, ଆନନ୍ଦପୁର ଉପଜିଲାପାଳ ଏବଂ କେନ୍ଦୁଝର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ପରେ ସୁବାଷ ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ଏ ସଂକ୍ରାନ୍ତୀୟ ଏକ ଅଭିଯୋଗ ହାଇକୋର୍ଟରେ ଦାୟର ହୋଇଥିଲା।

# ୪ମାସରେ ଦୁର୍ଘଟଣାରେ ୪୫ଜଣଙ୍କ ମୃତ୍ୟୁ

**ଭଦ୍ରକ ଅଫିସ, ୧୬।୫**

ଚଳିତବର୍ଷ ଜାନୁୟାରୀରୁ ଏପ୍ରିଲ ପର୍ଯ୍ୟନ୍ତ ୪ ମାସରେ ଭଦ୍ରକ ଜିଲାରେ ଦୁର୍ଘଟଣାରେ ୪୫ଜଣଙ୍କ ମୃତ୍ୟୁ ଘଟିଛି। ୫୦ଜଣ ଗୁରୁତର, ୬ ସାମାନ୍ୟ ଆହତ ହୋଇଥିବା ବେଳେ ଏବଂ ଆହତ ହୋଇ ନ ଥିବା ୧୨ଟି ଦୁର୍ଘଟଣା କେସ୍ ରିପୋର୍ଟିଂ କରାଯାଇ ଥିବା ମଙ୍ଗଳବାର ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକରେ ସୂଚନା ଦିଆଯାଇଛି। ସଡ଼କ ସୁରକ୍ଷା, ଜୀବନ ରକ୍ଷା ନେଇ ଆଭାସୀ ଜରିଆରେ କମିଟି ଅଧ୍ୟକ୍ଷ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏସ୍‌ପି ବରୁଣ ଗୁଣ୍ଟୁପାଲି, ଉପଜିଲାପାଳ ମନୋଜ ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଡିଏସ୍‌ପି କ୍ରାଇମ୍ ରଶ୍ମିରଞ୍ଜନ ସେନାପତି, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଜେ.ପି. ବର୍ମା ପ୍ରମୁଖଙ୍କ ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ କମିଟି ସଦସ୍ୟମାନେ ଯୋଗଦେଇ ଆଲୋଚନା କରିଥିଲେ। ଆବାହକ ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଖଗେଶ୍ୱର ମୁର୍ମୁ

**ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ**

ସଡ଼କ ଦୁର୍ଘଟଣା ଓ ସଡ଼କ ସୁରକ୍ଷା ନେଇ ବିବରଣୀ ଉପସ୍ଥାପନ କରିଥିଲେ।

ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଓ ଦୁର୍ଘଟଣା ନିରାକରଣ ପାଇଁ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନିଶା ସେବନ କରି ଗାଡ଼ି ଚାଳନା, ଦ୍ରୁତ ଗତି, ବିନା ହେଲ୍‌ମେଟ ଓ ସିଟ୍ ବେଲ୍‌ଟରେ ଗାଡ଼ି ଚାଳନା, ଦ୍ରୁତଗତିରେ ଅତିକ୍ରମ, ବିପଦପୂର୍ଣ୍ଣ ଭାବେ ଯାତ୍ରୀ ପରିବହନ, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ଆଦି ଉପରେ ଧର୍‌ପଗଡ଼ କରାଯିବାକୁ ଜିଲାପାଳ ଗୁରୁତ୍ୱ ଦେବା ସହ ସଚେତନତା ଆବଶ୍ୟକ ବୋଲି କହିଥିଲେ। କମିଟି ସଦସ୍ୟ ରୋଟାରିଆନ ଅତିସ୍ ବେହେରା, ଏଆର୍‌ଟିଓ ଶ୍ରୀକାନ୍ତ ଦାସ, ସଡ଼କ ସୁରକ୍ଷା ଅଧିକାରୀ ଶେଖ ରହିମ୍‌ଙ୍କ ସହ ବସ୍‌ମାଲିକ ସଂଘର ଶ୍ରୀନିବାସ ପତି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ପ୍ରମୁଖ ଜୁମ୍ ଜରିଆରେ ଏହି ବୈଠକରେ ଯୋଡ଼ି ହୋଇଥିଲେ।

# କେନ୍ଦୁଝରରେ ‘ଗାଁ ଆମ୍ବ ପସରା’

**କେନ୍ଦୁଝର, ୧୬।୫(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ପରିଷଦ ଏବଂ ଓର୍‌ମାସ୍ ସହଯୋଗରେ ଆମ୍ବ ମେଳା ‘ଗାଁ ଆମ୍ବ ପସରା’ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଜିଲା ସଦରମହକୁମାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଆୟୋଜିତ ଏହି ମେଳା ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଡିଏଫ୍‌ଓ ଧନରାଜ ଏଚ୍‌ଡି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଓର୍‌ମାସ୍‌ର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ ପ୍ରମୁଖ ଅନ୍ୟତମ



ଆମ୍ବମେଳାରେ ପଡ଼ିଥିବା ଷ୍ଟଲ୍।

ଅତିଥି ଭାବେ ଯୋଗ ଦେଇଥିଲେ।

ସାବିତ୍ରୀ ଅମାବାସ୍ୟା ଅବ୍ୟବହିତ ପୂର୍ବରୁ ଆମ୍ବ ଉତ୍ପାଦନକାରୀ ମହିଳା ଚାଷୀମାନଙ୍କ ଦ୍ୱାରା (ସ୍ୱୟଂସହାୟକ ଗୋଷ୍ଠୀ/ଉତ୍ପାଦକ ଗୋଷ୍ଠୀ) ଅମଳ କରାଯାଇଥିବା ଆମ୍ବର ବିକ୍ରୟ ସୁବିଧା ପାଇଁ ଏହି ମେଳା ଆୟୋଜନ କରାଯାଇଛି। ଚଳିତବର୍ଷ ବହୁଳ ଭାବେ ଆମ୍ବ ଉତ୍ପାଦନ କରୁଥିବା ତେଲକୋଇ, ବାଂଶପାଳ, ଘଟଗାଁ ଓ ହରିଚନ୍ଦନପୁର ବ୍ଲକ ଅଞ୍ଚଳର ମହିଳା ଚାଷୀଙ୍କ ଆମ୍ବ ବିକ୍ରି ପାଇଁ ୪ଟି ଷ୍ଟଲ ଖୋଲାଯାଇଛି। ବିଭିନ୍ନ କିସମର ଆମ୍ବ ଯଥା ଦଶେରୀ, ଆମ୍ରପଲ୍ଲୀ, ଲାଙ୍ଗଡା, କ୍ଷୀରସାଗର, ହିମସାଗର ଆଦି ମେଳାରେ ଉପଲବ୍ଧ କରାଯାଇଛି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ରଜ ପର୍ବ ପାଖାପାଖି ଦ୍ୱିତୀୟ ପର୍ଯ୍ୟାୟ ଆମ୍ବ ମେଳା ଆୟୋଜନ ଲାଗି ଲକ୍ଷ୍ୟ ରଖାଯାଇଥିବା ଓରମାସ୍‌ର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ଗୋସ୍ୱାମୀ ପ୍ରକାଶ କରିଛନ୍ତି।

# କମ୍ପାନୀ, ବିଭାଗକୁ କାରଣ ଦର୍ଶାଅ ନୋଟିସ

**ମୋରଡା,୧୬।୫(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ମାକୁନ୍ଦ ନିକଟରେ ନିର୍ମାଣାଧିନ ସୁବର୍ଣ୍ଣରେଖା କେନାଲ କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ ହେବା ଘଟଣାରେ ଜିଲା ଶ୍ରମ ବିଭାଗ ପକ୍ଷରୁ ନିର୍ମାଣକାରୀ ସଂସ୍ଥା ଏବଂ ସୁବର୍ଣ୍ଣରେଖା -ବୈଶିଙ୍ଗା କେନାଲ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ସୂଚନା ଅନୁଯାୟୀ, ଉକ୍ତ ଠିକା ସଂସ୍ଥା କେନାଲ ନିର୍ମାଣ କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ କରୁଥିବା ଏବଂ ନାବାଳକମାନେ ଭାରୀଯାନ ଚଳାଉ ଥିବା ଅଭିଯୋଗ ହେବା ସହ ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଗତ ଏପ୍ରିଲ ୧୮ରେ ଶ୍ରମ ବିଭାଗ ଅଧିକାରୀ ଏବଂ ପୋଲିସ ମିଳିତ ଭାବେ ଚଢ଼ାଉ କରି

**ଶିଶୁ ଶ୍ରମିକ ଉଦ୍ଧାର ଘଟଣା**

ନିର୍ମାଣକାର୍ଯ୍ୟରେ ନିୟୋଜିତ ଝାଡ଼ଖଣ୍ଡ ରାଜ୍ୟ ପୂର୍ବସିଂହଭୂମ ଜିଲା ଘାଟଶିଳା ଥାନା ଅଞ୍ଚଳର ଜଣେ ୧୪ ବର୍ଷ ବୟସର ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଏନେଇ ଶ୍ରମବିଭାଗ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଶ୍ରମ ବିଭାଗ ଉକ୍ତ କେନାଲ ନିର୍ମାଣ କରୁଥିବା ଠିକା ସଂସ୍ଥା ଏବଂ ସୁବର୍ଣ୍ଣରେଖା -ବୈଶିଙ୍ଗା କେନାଲ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଜିଲା ଶ୍ରମ ଅଧିକାରୀ ମୋନାଲିସା ନାୟକ ସୂଚନା ଦେଇଛନ୍ତି। ଆଗକୁ କମ୍ପାନୀ ଏବଂ ବିଭାଗ ବିରୋଧରେ ଲିଗାଲ ଆକ୍ସନ ଶ୍ରମ ବିଭାଗ ନେବ ବୋଲି ଜିଲା ଶ୍ରମ ଅଧିକାରୀ ପ୍ରକାଶ କରିଛନ୍ତି।

# ଖଇରାରେ ସାହିତ୍ୟ ଆସର, ସମ୍ବର୍ଦ୍ଧନା ସଭା

**ଖଇରା,୧୬।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରାସ୍ଥିତ ଜେଭିସିସି ଅନୁଷ୍ଠାନ ପରିସରରେ ଖଇରା ସାହିତ୍ୟ ସଂସଦର କବିତା ଆସର ଓ ସମ୍ବର୍ଦ୍ଧନା ସଭା ମାୟାଧର ନାୟକଙ୍କ ଅଧ୍ୟକ୍ଷତାରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ନିକଟରେ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିବା ଖଇରା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ବ୍ରଜେନ୍ଦ୍ର ନାଥ ଗିରି ଓ ଅନ୍ୟତମ କବି କୃଷ୍ଣଚନ୍ଦ୍ର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଆୟୋଜିତ କବିତା ଆସରରେ ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ। ଏଥିରେ ସୁନାମଧନ୍ୟ କବି ଡ.ଭଗବାନ ବେହେରା ମୁଖ୍ୟଅତିଥି, ବିଶିଷ୍ଟ ସାହିତ୍ୟିକ ହରିହର ପାଣିଗ୍ରାହୀ ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ସମ୍ମାନନୀୟ ଅତିଥି, ସୁଦାମ ଚରଣ ରାଉତ ଓ ଡା. ଉମେଶ ଚନ୍ଦ୍ର ମହାନ୍ତି ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇଥିଲେ। ସାହିତ୍ୟ ଜୀବନର ଅଭିନ୍ନ ଅଙ୍ଗ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସୁଦାମ ରାଉତ, ଚିନ୍ତାମଣି ସାହାଣୀ, ଦୀନବନ୍ଧୁ ଦାସ, କୈଳାସ ଚନ୍ଦ୍ର ପୃଷ୍ଟି, ସୋମନାଥ ବିଶ୍ୱାଳ, ନିରଞ୍ଜନ ଦାସ, ଶରତ କୁମାର ପଣ୍ଡା, ପଦ୍ମନାଭ ପଣ୍ଡା, ଗଗନ ବିହାରୀ ପଣ୍ଡା, ନାରାୟଣ ପ୍ରସାଦ ପେଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଉଗ୍ରସେନ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।


କବି ବ୍ରଜେନ୍ଦ୍ର ଗିରିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ନାଇଟ୍ ଟି-୧୦ କ୍ରିକେଟ ଟୁର୍ନାମେଣ୍ଟ: ଗ୍ରୀନ୍ ଷ୍ଟାର ଚାମ୍ପିୟନ

**ଧାମନଗର, ୧୬।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବଜାର ଦକ୍ଷିଣବାଡ଼ ସ୍କୁଲ ପଡ଼ିଆରେ ଜୟଦୁର୍ଗା ନାଇଟ ଟି-୧୦ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁରଲୀମନୋହର ଏସ୍‌ଏଚ୍‌ଜି ଗ୍ରୁପ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଫାୟାର ଫାଇଟରକୁ ହରାଇ ଗ୍ରୀନ ଷ୍ଟାର ଚାମ୍ପିୟନ ହୋଇଥିଲା। ଫାୟାର ଫାଇଟର ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୩୯ ରନ୍ କରିଥିଲା। ଗ୍ରୀନ ଷ୍ଟାର କ୍ଲବ ୮ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା।

ଧାମନଗର ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ୱାସିମ ଏଜ୍‌ଦାନି କାଦ୍ରୀ, ଖବରଦାତା ପ୍ରଦୀପ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବିଳମ୍ବିତ ରାତିରେ ତରୁଣକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, କାଉନସିଲରଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ଜେନା ଯୋଗଦେଇ ବିଜୟୀ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ସିରିଜ ଆକାଶ ପୃଷ୍ଟି, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶଶୀକାନ୍ତ ବେହେରା ଓ ଶ୍ରେଷ୍ଠ ବୋଲର ଭାବେ ନିହାର ରଞ୍ଜନ ବେହେରାଙ୍କୁ ବିବେଚିତ କରାଯାଇଥିଲା। ତୁଷାରକାନ୍ତ ମହାପାତ୍ର, ମାନସ ଜେନା, ଚଗୁଲ ମହାଲିକ, ବୁଲୁଆ ଜେନା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।



# ଆରମ୍ଭ ହେଲା ରବିଧାନ ସଂଗ୍ରହ

**ବାରିପଦା ଅଫିସ,୧୬।୫**

ମୟୂରଭଞ୍ଜ ଜିଲାରେ ଚଳିତ ବର୍ଷ ଚାଷୀମାନଙ୍କଠାରୁ ରବି ଧାନ କିଣା ଆରମ୍ଭ ହୋଇଛି। ଜିଲାସ୍ତରୀୟ ରବି ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ କମିଟି ବୈଠକ ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ଜିଲାପାଳ ବିନୀତ ଭରଦ୍ୱାଜ ସାରସକଣା ବ୍ଲକର ଶୀର୍ଷା ଲ୍ୟାମ୍ପସ ସରକାରୀ ଧାନ କ୍ରୟ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲରୀ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ସାହୁ, ଜିଲା ସମବାୟ ସମିତି ସମୂହ ନିବନ୍ଧକ କୃଷ୍ଣଚନ୍ଦ୍ର ଦାସ, ଅତିରିକ୍ତ ଯୋଗାଣ ଅଧିକାରୀ ଚୈତନ୍ୟ ଆଡବଙ୍ଗ, ମିଲର, ଚାଷୀ ଓ ଚାଷୀ ପ୍ରତିନିଧିମାନେ ଯୋଗ ଦେଇଥିଲେ।

ଜିଲାରେ ରବି ଧାନ ସଂଗ୍ରହ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜିଲା ଯୋଗାଣ ବିଭାଗ,ଆର୍‌ଏମ୍‌ସି ଏବଂ ଡିଆର୍‌ସିଏସ୍ ବିଭାଗର ମିଳିତ ତତ୍ତ୍ୱାବଧାନରେ ଚାଷୀମାନଙ୍କ ସୁବିଧା ପାଇଁ ୧୭ଟି ଲ୍ୟାମ୍ପସ ଓ ୧୮ଟି ଧାନ କ୍ରୟ କେନ୍ଦ୍ର ଖୋଲାଯାଇଛି। ବର୍ତ୍ତମାନ ସୁଦ୍ଧା ରବି ଧାନ ବିକ୍ରୟ କରିବା ପାଇଁ ଜିଲାରେ ୧୪୫୭ଜଣ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଚଳିତ ବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଧାନର ସହାୟକ ମୂଲ୍ୟ ଯଥାକ୍ରମେ


ଜିଲାପାଳ ବିନୀତ ଭରଦ୍ୱାଜ ରବି ଧାନ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

**ଉଦ୍‌ଘାଟନ କଲେ ଜିଲାପାଳ**

ଏଫଏକ୍ୟୁ ସାଧାରଣ ମାନ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୨୦୪୦ ଏବଂ ଏଫଏକ୍ୟୁ ଗ୍ରେଡ୍ ଏ ମାନ ଧାନର ମୂଲ୍ୟ ୨୦୬୦ଟଙ୍କା ଧାର୍ଯ୍ୟ କରାଯାଇଛି। ମଣ୍ଡିରେ ଧାନକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକୀୟ ଉପକରଣ ପ୍ରସ୍ତୁତ ରଖିବା ସହିତ ଧାନର ମାନ ଓ ଗୁଣବତ୍ତା ପରୀକ୍ଷା କରିବା ପାଇଁ ଉଦ୍ଦିଷ୍ଟ ଯନ୍ତ୍ରପାତି ରଖିବା ପାଇଁ ପରାମର୍ଶ ଦିଆଯାଇଛି। ଏତଦ୍ ବ୍ୟତୀତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଧାନ କ୍ରୟ କେନ୍ଦ୍ରମାନଙ୍କରେ ଚାଷୀମାନଙ୍କ ସୁବିଧା ପାଇଁ ସେଡ୍, ପାନୀୟ ଜଳ, ଫାଷ୍ଟଏଡ୍ ଇତ୍ୟାଦିର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମିଲରମାନଙ୍କୁ ସଂଗ୍ରହ ହୋଇଥିବା ଧାନକୁ ୨୪ ଘଣ୍ଟା ମଧ୍ୟରେ ଉଠାଇ ନେବା ପାଇଁ ପରାମର୍ଶ ଦିଆଯାଇଛି।

